# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମାଲକାନଗିରି

## ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ (ଶିଶୁ ମଙ୍ଗଳ ବିଭାଗ)

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକିଯେ ଦୁଇଟି ଶିଶୁ ଯଥା ଗୋଟିଏ ପୁଅ ଓ ଗୋଟିଏ ଝିଅ ଗତ ତା-୩୦.୦୩.୨୦୨୬ ରିଖରେ ଉଦ୍ଧାରକରାଯାଇ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ମାଲକାନଗିରିର ତ୍ତ୍ୱାବଧାନରେ ରଖାଯାଇଅଛି । ଏହି ଶିଶୁପୁତ୍ର ଓ କନ୍ୟାର ନାମ ଓ ଠିକଣା କିମ୍ବା ତାର ବାପା ଓ ମାଙ୍କ ସମ୍ବଧରେ କୌଣସି ସଠିକ ସୂଚନା ମିଳୁପାରୁ ନାହିଁ । ଏଣୁ ଏହି ଶିଶୁପୁତ୍ର ଓ କନ୍ୟାର ଯଦି କୌଣସି ପିତାମାତା କିମ୍ବା ସହୃଦୟ ପରିଜନ ଦାବିଦାର ଥାଆନ୍ତି, ତାହେଲେ ଉପଯୁକ୍ତ ପ୍ରମାଣ ସହ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ (ତିରିଶି) ଦିନ ମଧ୍ୟରେ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରି, ପୁରୁଣା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମାଲକାନଗିରି (ଫୋନ ନଂ-୮୯୫୨୪୨୪୪୨) ଠାରେ ଅଭିଯୋଗ କରିପାରିବେ । ଉପରୋକ୍ତ ସମୟ ସୀମା ପରେ କୌଣସି ଦାବିପତ୍ର ଗ୍ରହଣ କରାଯିବ ନାହିଁ । ଏହି ଶିଶୁର କୌଣସି ଦାବିଦାର ଏକମାସ ମଧ୍ୟରେ ନମିଳିଲେ ଶିଶୁଟିକୁ କିଶୋର ନ୍ୟାୟ ଆଇନ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ବିବେଚିତ କରାଯିବ ।





ଜିଲ୍ଲାପାଳ, ମାଲକାନଗିରି

ଜ୍ଞାପନ ସଂଖ୍ୟା: ୪୯୮/ ଡି.ସି.ପି.ଇୟୁ /ସି.ଡବ୍ଲୁ / ଏମ.କେ.ଜି   ତାରିଖ: ୨୯/୦୪ /୨୦୨୬

ଏକକୀତା ନକଲ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ, ଓଡ଼ିଶା ସରକାରଙ୍କୁ ପ୍ରଦାନ କରାଗଲା, ଏହି ଜ୍ଞାପନ ଦୁଇଟି ବହୁଳ ପ୍ରସାରିତ ଓଡ଼ିଆ ଖବରକାଗଜରେ ସାଧାରଣ ଜନତାଙ୍କ ସୂଚନା ପାଇଁ ପ୍ରକାଶନ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ଅନୁରୋଧ କରାଗଲା ।

ଜିଲ୍ଲା ଶିଶୁ ସୁରିକ୍ଷା ଅଧିକାରୀ, ମାଲକାନଗିରି

ଜ୍ଞାପନ ସଂଖ୍ୟା: ୪୯୯/ ଡି.ସି.ପି.ଇୟୁ /ସି.ଡବ୍ଲୁ / ଏମ.କେ.ଜି   ତାରିଖ: ୨୯/୦୪ /୨୦୨୬

ଏକକୀତା ନକଲ ଜିଲ୍ଲା ସୂଚନା ଓ ବିଜ୍ଞାନ କେନ୍ଦ୍ର (DeGM), ଇ-ଅଭିଯୋଗ ପ୍ରକୋଷ୍ଟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ମାଲକାନଗିରିଙ୍କୁ ସାଧାରଣ ଜନତାଙ୍କ ସୂଚନା ନିମନ୍ତେ ଏହି ବିଜ୍ଞାପନଟିକୁ ଜିଲ୍ଲା ୱେବସାଇଟ୍ https://malkangiri@odisha.gov.in ରେ ଉପଲବ୍ଧ କରାଇବା ପାଇଁ ଅନୁରୋଧ କରାଗଲା ।

ଜିଲ୍ଲା ଶିଶୁ ସୁରିକ୍ଷା ଅଧିକାରୀ, ମାଲକାନଗିରି

Scanned with OKEN Scanner